# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**25 September - 2024**

**News Editor : Tapan Kumar Maharana**

**************************************

## ମୁଖ୍ୟ ସମ୍ବାଦ

- 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନକୁ ଆଜି ପୂରିଲା ୧୦ ବର୍ଷ

– ଏହି ଅଭିଯାନ ଦେଶକୁ ଉତ୍ପାଦନ ଏବଂ ଉଦ୍ଭାବନ ଶକ୍ତିରେ ପରିଣତ କରିବା ଲକ୍ଷ୍ୟରେ ଦେଶବାସୀଙ୍କ ସାମୂହିକ ସଂକଳ୍ପକୁ ଦର୍ଶାଉଛି; କହିଲେ, ପ୍ରଧାନମନ୍ତ୍ରୀ

- ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡାଙ୍କ ଆସନ୍ତାକାଲି ଓଡ଼ିଶା ଗସ୍ତ

- ସୁଭଦ୍ରା ଯୋଜନାରେ ଏ ପର୍ଯ୍ୟନ୍ତ ୯୨ ଲକ୍ଷ ମହିଳା ଆବେଦନ କରିସାରିଛନ୍ତି ବୋଲି ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଏବଂ

- ପୁରୀ ଉପକୂଳରେ ଆଜିଠାରୁ ଆରମ୍ଭ ହେଲା ଦୁଇଦିନିଆ ମିଳିତ ସମରାଭ୍ୟାସ

*Desk*

## ପ୍ରଧାନମନ୍ତ୍ରୀ- ମେକ୍ ଇନ୍ ଇଣ୍ଡିଆ

ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଆଜି ସଫଳତାର ସହ ୧୦ ବର୍ଷରେ ପହଁଞ୍ଚିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମେକ୍ ଇନ୍ ଇଣ୍ଡିଆ ଅଭିଯାନରେ ସାମିଲ ହୋଇ ଏହାକୁ ସଫଳତା ପ୍ରଦାନ କରିଥିବାରୁ ଦେଶବାସୀଙ୍କୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, 'ମେକ୍ ଇନ୍ ଇଣ୍ଡିଆ' ଦେଶକୁ ଏକ ଉତ୍ପାଦନ ଏବଂ ଉଦ୍ଭାବନ ଶକ୍ତିରେ ପରିଣତ କରିବା ପାଇଁ ୧୪୦ କୋଟି ଭାରତୀୟଙ୍କ ସାମୂହିକ ସଂକଳ୍ପକୁ ଦର୍ଶାଉଛି । ବିଭିନ୍ନ କ୍ଷେତ୍ରରେ ରପ୍ତାନି ବୃଦ୍ଧି ପାଇବା ସହ ଯୁବବର୍ଗଙ୍କ ଦକ୍ଷତା ବିକାଶ ତ୍ୱରାନ୍ୱିତ ହୋଇଛି । ଏହା ଦ୍ୱାରା ଦେଶର ଅର୍ଥନୀତି ସୁଦୃଢ଼ ହେବା ସହ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସଂସ୍କାର କ୍ଷେତ୍ରରେ ଭାରତର ଅଗ୍ରଗତି ଜାରି ରହିବ ଏବଂ ସମସ୍ତେ ମିଳିମିଶି ଏକ ଆତ୍ମନିର୍ଭର ଓ ବିକଶିତ ଭାରତ ନିର୍ମାଣରେ ସହଭାଗୀ ହେବାକୁ ଆହ୍ୱାନ ଦେଇଛନ୍ତି ।

*Desk*

## ମେକ୍ ଇନ୍ ଇଣ୍ଡିଆ

୨୦୧୪ ସେପ୍ଟେମ୍ବର ୨୫ ତାରିଖରେ ମେକ୍ ଇନ୍ ଇଣ୍ଡିଆ ଅଭିଯାନର ଶୁଭାରମ୍ଭ ହୋଇଥିଲା । ଏହି ଯୋଜନା ମାଧ୍ୟମରେ ଦେଶରେ

ସୂକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଏବଂ ଷ୍ଟାର୍ଟଅପ୍ ଉଦ୍ୟୋଗଗୁଡ଼ିକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା।  ଭାରତ ଏବେ ବିଶ୍ୱର ତୃତୀୟ ସର୍ବବୃହତ ମୋବାଇଲ ନିର୍ମାତା ହେବାର ଗୌରବ ଅର୍ଜନ କରିଛି। ମୋବାଇଲ ଆମଦାନୀ ୮୫ ପ୍ରତିଶତ ହ୍ରାସ ପାଇଛି। ବିଭିନ୍ନ କ୍ଷେତ୍ରରେ ଉତ୍ପାଦ ଭିତ୍ତିକ ପ୍ରୋତ୍ସାହନ ଯୋଜନା ପାଇଁ ୧ ଲକ୍ଷ ୨୮ ହଜାର କୋଟି ଟଙ୍କା ବିନିଯୋଗ କରାଯାଇଛି। କୋଭିଡ୍ ଟୀକା ଉଦ୍ଭାବନ କରି ଭାରତ ବିଶ୍ୱସ୍ତରରେ ମାନ୍ୟତା ହାସଲ କରିବା ସହିତ ବିଭିନ୍ନ ରାଷ୍ଟ୍ରକୁ କୋଭିଡ୍ ଟୀକା ପ୍ରଦାନ କରିଛି।

*HS*

# ଜେ.ପି.ନଡ୍ଡା ଓଡ଼ିଶ ଗସ୍ତ

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି। ଦଳୀୟ ସଦସ୍ୟତା ଅଭିଯାନ ସଂକ୍ରାନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏ ସମ୍ପର୍କରେ ସୂଚନା ଦେଇ ଦଳୀୟ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଏହି ବୈଠକ ଅବସରରେ ସଂସଦ ସଦସ୍ୟ, ବିଧାୟକ ଏବଂ ରାଜ୍ୟ ଦଳୀୟ ପଦାଧିକାରୀଙ୍କ ସହ ଶ୍ରୀ ନଡ୍ଡା ଆଲୋଚନା କରିବେ।

*Desk/BHK*

# ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଜି ୧୦୯ତମ ଜୟନ୍ତୀ ପାଳିତ ହେଉଛି। ଅନ୍ତ୍ୟୋଦୟ ଏବଂ ଗରିବ କଲ୍ୟାଣ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନକୁ ସ୍ମରଣ କରି ଆଜିର ଦିନକୁ ଅନ୍ତ୍ୟୋଦୟ ଦିବସ ଭାବେ ସମଗ୍ର ଦେଶରେ ପାଳନ କରାଯାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଣ୍ଡିତ ଦୀନଦୟାଲଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ଏହି ଅବସରରେ ଭୁବନେଶ୍ୱରର ଜୟଦେବ ଭବନଠାରେ ଏକ ରାଜ୍ୟସ୍ତରୀୟ ଜୟନ୍ତୀ ଅପରାହ୍ଣ ୪ଟାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

ରାଜ୍ୟର ବିଭିନ୍ନ ପ୍ରାନ୍ତରେ ପଣ୍ଡିତ ଦୀନଦୟାଲଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଭଦ୍ରକ ଜିଲ୍ଲା ବାସୁଦେବପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ପଣ୍ଡିତ ଦୀନଦୟାଲଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

***Desk***

# ଜିଲ୍ଲାପାଳ ମାନଙ୍କ ସମ୍ମିଳନୀ

ଭୁବନେଶ୍ୱରରେ ଆସନ୍ତା ଶୁକ୍ରବାରଠାରୁ ଦୁଇଦିନିଆ ଜିଲ୍ଲାପାଳ ମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ । ଏହା ପୂର୍ବରୁ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ସରକାରଙ୍କ ୧୦୦ଦିନର କାର୍ଯ୍ୟକାଳ ମଧ୍ୟରେ ଜାରି ରହିଥିବା ଯୋଜନା ଓ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ବିଭାଗୀୟ କାର୍ଯ୍ୟ ପ୍ରଦର୍ଶନରେ ଅଧିକ ଉନ୍ନତି ଆଣିବାକୁ ଶ୍ରୀ ଆହୁଜା ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି । ବୈଠକରେ ବିଭିନ୍ନ ଯୋଜନାର ବାସ୍ତବ ସ୍ଥିତି ଅନୁଧ୍ୟାନ, ସମସ୍ୟାର ସମାଧାନ, ଜନସାଧାରଣଙ୍କ ଠାରୁ ମତାମତ ସଂଗ୍ରହ, ସ୍ୱାସ୍ଥ୍ୟସେବା, ପାନୀୟଜଳ, ରାସ୍ତା ଭଳି ଅତ୍ୟାବଶ୍ୟକ ସେବାର ଉପଲବ୍ଧତାକୁ ସୁନିଶ୍ଚିତ କରାଇବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ସେହିଭଳି କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସ୍ୱତନ୍ତ୍ର ସହାୟତା ପାଣ୍ଠି ଅନୁଦାନର ବିନିଯୋଗ ସ୍ଥିତି ଓ ପ୍ରସ୍ତାବ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।

***Gajapati***

# ସଚେତନତା ଶିବିର

ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଛି। ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର

ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଆୟୋଜିତ ଏହି ସଚେତନତା ଶିବିରରେ ଜିଲ୍ଲା ପ୍ରାଧିକରଣର ସଚିବ ବିମଳ ରାଉଳ ଯୋଗଦେଇ ମହିଳା ଏବଂ ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ ଉପରେ ଆଲୋଚନା କରିଥିଲେ।

***HS***

## ଉପମୁଖ୍ୟମନ୍ତ୍ରୀ- ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାରେ ଏ ପର୍ଯ୍ୟନ୍ତ ୯୨ ଲକ୍ଷ ମହିଳା ଆବେଦନ କରିସାରିଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସପ୍ତାହକ ମଧ୍ୟରେ ଆବେଦନ ସଂଖ୍ୟା ୧ କୋଟିରେ ପହଁଞ୍ଚିବ ବୋଲି ଆଶା କରାଯାଉଛି। ରାଜ୍ୟର ସମସ୍ତ ଯୋଗ୍ୟ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏ ପର୍ଯ୍ୟନ୍ତ ୨୫ ଲକ୍ଷ ୧୧ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନା ଅର୍ଥ ପ୍ରଦାନ କରାଯାଇସାରିଛି। ଆସନ୍ତା ବର୍ଷ ମାର୍ଚ୍ଚ ୮ ତାରିଖରେ ସମସ୍ତ ଯୋଗ୍ୟ ହିତାଧିକାରୀ ଏକାସଙ୍ଗରେ ଦ୍ୱିତୀୟ କିସ୍ତି ଅର୍ଥ ପାଇବେ ବୋଲି ଶ୍ରୀମତୀ ପରିଡ଼ା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଜାତୀୟ ପୋଷଣ ମାସ- ଏକ ପେଡ଼୍ ମା’ କେ ନାମ୍

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ- କେନ୍ଦୁଝର କ୍ଷେତ୍ର କାର୍ଯ୍ୟାଳୟ ପକ୍ଷରୁ ଜାତୀୟ ପୋଷଣ ମାସ ଏବଂ ‘ଗୋଟିଏ ଗଛ ମା’ଙ୍କ ନାମରେ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦିଇପୋଷି ଗ୍ରାମ ପଞ୍ଚାୟତଠାରେ ଦୁଇଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସୂଚନାଧର୍ମୀ ପ୍ରସଙ୍ଗ ସ୍ଥାନ ପାଇଥିବା ବିଧାୟକ ଅଖିଳ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ସେଠାରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ଚାରାବଣ୍ଟନ କରାଯାଇଥିଲା। କାଶୀପୁରଠାରେ ଗତକାଲି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। କେନ୍ଦ୍ରୀୟ ସଂଚାର ବ୍ୟୁରୋ- କେନ୍ଦୁଝର କ୍ଷେତ୍ର ପ୍ରଚାର ଅଧିକାରୀ ପାର୍ଥସାରଥୀ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

*Nayagarh*

## ମାସିକ ସମୀକ୍ଷା ବୈଠକ

ନୟାଗଡ଼ ଜିଲ୍ଲା ରାଜସ୍ୱ ଅଧିକାରୀଙ୍କ ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ମାମଲାଗୁଡ଼ିକର ସ୍ଥିତି ନେଇ ଆଲୋଚନା ହୋଇଛି। ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ସମୟୋପଯୋଗୀ ପଦକ୍ଷେପ ନେବାକୁ ଜିଲ୍ଲାପାଳ' ରାଜସ୍ୱ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

*Puri*

## ଉପକୂଳ ସୁରକ୍ଷା– ମିଳିତ ସମରାଭ୍ୟାସ

ଉପକୂଳ ସୁରକ୍ଷାକୁ ସୁଦୃଢ଼ କରିବା ତଥା ବେଆଇନ ପ୍ରବେଶକୁ ରୋକିବା ଲକ୍ଷ୍ୟରେ ପୁଲିସ, କୋଷ୍ଟଗାର୍ଡ ଏବଂ ନୌସେନା ଦ୍ୱାରା ପୁରୀଠାରେ ମିଳିତ ସମରାଭ୍ୟାସ ଆଜିଠାରୁ ଆରମ୍ଭ ହୋଇଛି। ଉପକୂଳ ଅଞ୍ଚଳରେ ଚାଲିଥିବା ଏହି ଦୁଇଦିନିଆ ମିଳିତ ସମରାଭ୍ୟାସ– ସାଗର କବଚରେ ଅସ୍ତରଙ୍ଗ, ଚନ୍ଦ୍ରଭାଗା, ପେଣ୍ଟକଟା, ଶିପକୁଦ ଏବଂ ବାଲିହରଚଣ୍ଡୀ ସେକ୍ଟରର ନୌସେନା, ତଟରକ୍ଷୀ ବାହିନୀ, ପୁଲିସ ଏବଂ ସାଗରମିତ୍ର ପ୍ରମୁଖ ସାମିଲ ହୋଇଛନ୍ତି। ବ୍ଲୁ ଫୋର୍ସ ଏବଂ ରେଡ ଫୋର୍ସ ନାମରେ ଦୁଇଟି ଦଳରେ ବିଭକ୍ତ ହୋଇ ଏହି ସମରାଭ୍ୟାସ ଚାଲିଛି। ସୂଚନାଯୋଗ୍ୟ, ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମିଳିତ

ଆନୁକୂଲ୍ୟରେ ପ୍ରତ୍ୟେକ ବର୍ଷ ଏଭଳି ସମରାଭ୍ୟାସ ଆୟୋଜିତ ହୋଇଥାଏ ।

***Rayagada***

## ସ୍କୁଲ ଓ ଗଣଶିକ୍ଷା ସଚିବଙ୍କ ଗସ୍ତ

ସ୍କୁଲ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ ଦୁଇ ଦିନିଆ ରାୟଗଡ଼ା ଜିଲ୍ଲା ଗସ୍ତ କରିଛନ୍ତି । ରାୟଗଡ଼ା ବ୍ଲକ ଅନ୍ତର୍ଗତ ତାଡ଼ମା, ପିତାମହଲ ସ୍କୁଲ ପରିଦର୍ଶନ କରିବା ସହ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଶ୍ରୀମତୀ ପଣ୍ଡିତ ରୋଗୀ ଏବଂ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି । ନୂତନ ଭାବେ ନିର୍ମାଣଧୀନ ଉପଖଣ୍ଡସ୍ତରୀୟ ଡାକ୍ତରକାନା, ଛତୁଆ ପ୍ରସ୍ତୁତି କେନ୍ଦ୍ର ଏବଂ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ସିଲେଇ କେନ୍ଦ୍ର ପରିଦର୍ଶନ କରିଛନ୍ତି । ବିଷମ କଟକ, ରାମନାଗୁଡ଼ା, ଗୁଡାରୀ ଏବଂ ପଦ୍ମପୁର ବ୍ଲକ ଗସ୍ତ କରିବା ସହ ଆଜି ସନ୍ଧ୍ୟାରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ପାଇଁ ସଚିବଙ୍କ ଜିଲ୍ଲାଗସ୍ତ ସଂକ୍ରାନ୍ତ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରିପ୍ରେକ୍ଷୀରେ ସଚିବ ଶ୍ରୀମତୀ ପଣ୍ଡିତ ରାୟଗଡ଼ା ଗସ୍ତ କରିଥିବା ଜଣାପଡ଼ିଛି ।

*Nayagarh*

## କ୍ରୀଡ଼ା ସଂଗଠନ

ନୟାଗଡ଼ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ପକ୍ଷରୁ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ, ଚେସ୍ ଏବଂ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଧାୟକ ରମେଶ ଚନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ପାଠପଢ଼ା ସହିତ କ୍ରୀଡ଼ା ଏବଂ ଯୋଗକୁ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ୮ଟି ବ୍ଲକରୁ ୨୬୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।

*Gajapati*

## ପୋଷଣ ମାସ ପାଳନ

## ଏକ ପେଡ଼୍ ମା’ କେ ନାମ

ଗଜପତି ଜିଲ୍ଲା ସମାଜ କଲ୍ୟାଣ ପକ୍ଷରୁ ଜିଲ୍ଲାସ୍ତରୀୟ ପୋଷଣ ମାସ ପାଳନ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ସଚେତନତା ପଦଯାତ୍ରାରେ ଅଙ୍ଗନବାଡ଼ି କର୍ମୀ ସମାଜର ବିଭିନ୍ନ ବର୍ଗର ଲୋକ ଏବଂ ସରକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମନୋରମା ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଜୟ କୁମାର ଦାସ ଯୋଗ ଦେଇଥିଲେ। କୁପୋଷଣ ମୁକ୍ତ

ସମାଜ ଗଠନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। 'ସ୍ୱଚ୍ଛତା ହିଁ ସେବା' ଶୀର୍ଷକ ଏକ ଶପଥ ପାଠ କାର୍ଯ୍ୟକ୍ରମ ଏହି ଅବସରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିଗଣ "ମା'ଙ୍କ ନାମରେ ଗଛଟିଏ' ଅଭିଯାନରେ ଯୋଗଦେଇ ଚାରାରୋପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।୧୭

***Desk***

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଉତ୍ତର-ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଉପକୂଳରେ କେନ୍ଦ୍ରୀଭୂତ ରହିଛି । ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ରାଜ୍ୟର ୧୦ଟି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି ।

*****